SAMBAD
ସମ୍ବାଦ
୩୦ ଅଗଷ୍ଟ, ୨୦୧୬

# ଆଜି ଆଇଆଇଟି ଭୁବନେଶ୍ୱରରେ ସମାବର୍ତ୍ତନ ସମାରୋହ

ଭୁବନେଶ୍ୱର,୨୯।୮(ଇମିସ): ଆସନ୍ତାକାଲି ଆଇଆଇଟି ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଅରୁଗୁଳସ୍ଥିତ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବ। ଆଇଆଇଟି ଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ତଥା ନ୍ୟାସନାଲ ବୋର୍ଡ ଅଫ ଆକ୍ରିଡେସନ୍‌ର ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଆଇଆଇଟି ଭୁବନେଶ୍ୱର ବୋର୍ଡ ଅଫ ଗଭର୍ଣ୍ଣର୍ସର ଅଧ୍ୟକ୍ଷ ପଙ୍କଜ ରାମଭାଇ ପଟେଲ ଏଥିରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି। ସମୁଦାୟ ୨୪୧ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯିବ ବୋଲି କହିଛନ୍ତି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜା କୁମାର।

ଆଜି ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଜା କୁମାର କହିଲେ, ୧୯୦ ଜଣ ଛାତ୍ରଛାତ୍ରୀଙ୍କୁ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରହି ଡିଗ୍ରି ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଅରୁଗୁଳସ୍ଥିତି କ୍ୟାମ୍ପସ୍‌ରେ ଗତ ମାସ ୧୪ ତାରିଖରେ ସ୍କୁଲ ଅଫ ଇଲେକ୍ଟ୍ରିକାଲ ସାଇନ୍ସ, ସ୍କୁଲ ଅଫ ବେସିକ ସାଇନ୍‌ସ ଓ ସ୍କୁଲ ଅଫ ଇନ୍‌ଫ୍ରାଷ୍ଟ୍ରକ୍‌ଚର କାର୍ଯ୍ୟକ୍ଷମ ହୋଇଛି।

ଆଇଆଇଟି ଭୁବନେଶ୍ୱରରେ ଏବେ ୧୧୩ ଜଣ ନିୟମିତ ଅଧ୍ୟାପକ ରହିଛନ୍ତି। ତେବେ ଶିକ୍ଷାର ମାନ ବୃଦ୍ଧି କରିବା ଓ ଗବେଷଣା ପାଇଁ ବିଶ୍ୱସ୍ତରରେ ଅଧ୍ୟାପକମାନଙ୍କୁ ନିଯୁକ୍ତ କରିବା ପାଇଁ ଯୋଜନା ଆରମ୍ଭ ହୋଇଛି। ବିଶେଷ କରି ଆମେରିକା ଓ ୟୁକେର ଅଧ୍ୟାପକମାନଙ୍କୁ ଏଥିପାଇଁ ଗୁରୁତ୍ୱ ଦିଆଯାଉଛି। ଯାହା ଫଳରେ ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ ବିଦେଶ ଅଧ୍ୟାପକଙ୍କ ଶିକ୍ଷାଦାନର ସୁବିଧା ପାଇ ପାରିବେ। ଏହାସହ ଅଧ୍ୟାପକଙ୍କ କାର୍ଯ୍ୟଶୈଳୀ

## ୨୪୧ ଜଣଙ୍କୁ ଦିଆଯିବ ଡିଗ୍ରି

## ବି.ଟେକ୍‌ରେ ୯୫ ପ୍ରତିଶତ ନିଯୁକ୍ତି

ଆଇଆଇଟି ଭୁବନେଶ୍ୱରରେ ପଢ଼ୁଥିବା ୯୫ ପ୍ରତିଶତ ବି.ଟେକ୍ ଛାତ୍ରଛାତ୍ରୀ ନିଯୁକ୍ତି ପାଇପାରିଛନ୍ତି। ଗତବର୍ଷ ଏହା ୮୦ ପ୍ରତିଶତ ରହିଛନ୍ତି। ଏହାସହ ପିଜିରେ ଅନେକ ଛାତ୍ରଛାତ୍ରୀ ବିଦେଶର ଅନେକ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାର ସୁଯୋଗ ହାସଲ କରିଛନ୍ତି। ତେବେ ଆଇଆଇଟି ଭୁବନେଶ୍ୱରରୁ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ଭାବେ ବାର୍ଷିକ ୧୬ଲକ୍ଷ ଟଙ୍କାରେ ନିଯୁକ୍ତି ମିଳିଥିବା ବେଳେ ହାରାହାରି ଭାବେ ଦରମା ରହିଛି ୮ଲକ୍ଷ ଟଙ୍କା। କୋଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ସର୍ବାଧିକ ନିଯୁକ୍ତି ଦିଆଯାଇଛି ଜଣାପଡ଼ିଛି।

ଉପରେ ଏକ ଫିଡ୍ ବ୍ୟାକ୍ ବ୍ୟବସ୍ଥା କରାଯାଉଛି। ଅନଲାଇନ୍ ଜରିଆରେ ଏହି ବ୍ୟବସ୍ଥା କାର୍ଯ୍ୟ କରୁଥିବା ବେଳେ ଏକ ପ୍ୟାନେଲ ଏହାର ତଦାରଖ କରୁଛି।

ସେହିପରି ଛାତ୍ରଛାତ୍ରୀମାନେ କିଭଳି ଛୋଟ ଶିଳ୍ପ ପ୍ରତିଷ୍ଠା କରିବା ଦିଗରେ ଆଗଭର ହେବେ ଏଥିପାଇଁ ସେମାନଙ୍କୁ ସହାୟତା ଦିଆଯିବ। ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏକ ଷ୍ଟାର୍ଟ-ଅପ୍ ସେଣ୍ଟର ଖୋଲାଯାଇଛି। ଏ ପର୍ଯ୍ୟନ୍ତ ୩୦ ଜଣ ଆବେଦନକାରୀ ଏଥିପାଇଁ ଇଚ୍ଛା ପ୍ରକାଶ କରିଥିବା ସେ କହିଛନ୍ତି।

ସମାବର୍ତ୍ତନ ସମାରୋହରେ ୭ଜଣ ଡକ୍ଟରେଟ୍, ୫୫ ଏମ୍.ଟେକ୍, ୬୯ ଏମ୍‌ଏସ୍‌ସି ଓ ୧୧୦ ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯିବ। ସ୍କୁଲ ଅଫ ଇଲେକ୍ଟ୍ରିକାଲ ସାଇନ୍‌ସର ପ୍ରିୟମ ଦେଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦି ପ୍ରେସିଡେଣ୍ଟାଲ ଅଫ ଇଣ୍ଡିଆ ଗୋଲ୍ଡ ମେଡାଲ, ସ୍କୁଲ ଅଫ ମେକାନିକାଲ ସାଇନ୍ସର ଶୁଭଶ୍ରୀ ସୁବୁଦ୍ଧିଙ୍କୁ ଦି ଡିରେକ୍ଟରର୍ସ ଗୋଲ୍ଡ ମେଡାଲ, ସ୍କୁଲ ଅଫ ଆର୍ଥ, ଓସେନ୍ ଏଣ୍ଡ କ୍ଲାଇମେଟ ସାଇନ୍‌ସର ଶ୍ୱେତା ସିଂ ଦି ଡିରେକ୍ଟରର୍ସ ଗୋଲ୍ଡ ମେଡାଲ ଗ୍ରହଣ କରିବେ। ଏହାସହ ଶୁଭଜିତ୍ ରୟ, ଦୀପଞ୍ଜନ ଦେ, ପ୍ରିୟଙ୍କା ଦେ, ଆଚଲେକର ପଙ୍କଜ ଦିଲ୍ଲୀପ, ଶୁଭଶ୍ରୀ ସୁବୁଦ୍ଧି ଓ ଅଂଶୁମାନ ଚାଉପଟ୍ଟନାୟକଙ୍କୁ ଏମ୍.ଟେକ୍ ବ୍ୟାଚ୍‌ର ଇନ୍‌ଷ୍ଟିଚ୍ୟୁଟ୍ ସିଲଭର ମେଡାଲ ପ୍ରଦାନ କରାଯିବ।